ପାର୍ଲିଅମେଣ୍ଟରେ ଭାରତ ଶାସନ ବିଲ

ଗୋରା ସିଭିଲିଅନଙ୍କ ପାଇଁ ସମସ୍ତେ ବ୍ୟାକୁଳ

ଚାକିରୀରୁ ଇସ୍ତଫା ଦେଲେ ଅଧିକା କ୍ଷତିପୂରଣ ଦିଆଯିବ

ଲଣ୍ଡନ, ତା ୩।୫।୩୫

ପାର୍ଲିଅମେଣ୍ଟରେ ଭାରତ ଶାସନ ବିଲ ଆଲୋଚନାବେଳେ ଗୋରା ସିଭିଲିଅନମାନଙ୍କ ଭବିଷ୍ୟତ ବ୍ୟବସ୍ଥା ସମ୍ବନ୍ଧରେ ସାର ଅଲ ଫ୍ରେଡନକ୍ସ ଏକ ସଂଶୋଧନ ପ୍ରସ୍ତାବ ଆଗତ କଲେ ଯେ ଯେଉଁ ଗୋରା ସିଭିଲିଅନମାନେ କାର୍ଯ୍ୟକାଳ ପୂର୍ବରୁ ଅପଣା ଇଚ୍ଛାରେ ଚାକିରୀ ଇସ୍ତଫା ଦେଇ ଚାଲି ଆସିବେ ସେମାନଙ୍କୁ ମାମୁଲି ପେନସନ ଦେବାଛଡ଼ା କ୍ଷତିପୂରଣ ସ୍ୱରୂପ ଏକାଥୋକରେ ଅଧିକା ପ୍ରଲାଏ ଟଙ୍କା ଦେବାପାଇଁ କିମ୍ବା କ୍ଷତିପୂରଣ କରିବାର କ୍ଷମତା ଭାରତ ସଚିବଙ୍କ ହାତରେ ରହୁ । ଯେଉଁମାନେ ନିଜ ଇଚ୍ଛାରେ ଇସ୍ତଫା ନ ଦେଇ କର୍ତ୍ତୃପକ୍ଷଙ୍କଦ୍ୱାରା ଇସ୍ତଫା ଦେବାକୁ ବାଧ୍ୟ କରାହେବେ ସେମାନଙ୍କ ପାଇଁ ଅଧିକ କ୍ଷତିପୂରଣ ଦେବାକୁ ସେ ପ୍ରସ୍ତାବ କରିଥିଲେ ।

ସାର ଅଲଫ୍ରେଡ କହିଲେ "ସିଭିଲିଅନମାନେ ଦୃଢ଼ଭାବେ ଯେ ସେମାନଙ୍କ ଭବିଷ୍ୟତ ବିଷୟରେ ଯେ ନିୟମ କରାହେବ ତାହା ପାର୍ଲିଅମେଣ୍ଟଦ୍ୱାରା ସୁପ୍ରତି ଅଧିକାର ଅଙ୍ଗୀକୃତ ହୋଇ ରହିବା ଉଚିତ । ସେମାନଙ୍କୁ ପ୍ରଚଳିତ ନିୟମ ଅନୁସାରେ ଯେ କ୍ଷତିପୂରଣ ଦିଆଯାଉଛି ତାହାର ପରିମାଣ ଏପରି ଭାବରେ ବଢ଼ାଇଦେବା ଦରକାର ଯେପରି କି ଅନ୍ୟ ନୂଆ ବୃତ୍ତି ଯୋଗାଡ଼ କରିବା ପର୍ଯ୍ୟନ୍ତ ସେମାନେ ସୁଖ ସ୍ୱଚ୍ଛନ୍ଦରେ ଚଳିଯାଇ ପାରିବେ ।"

ସାର ରେଜିନାଲ୍ଡ କ୍ରାଡକ ଏ ପ୍ରସ୍ତାବକୁ ସମର୍ଥନ କରି କହିଲେ "ମଣ୍ଟେଗୁ-ଚେମସ୍‌ଫୋର୍ଡ ସଂସ୍କାର ଅନୁସାରେ ଗୋରା ସିଭିଲିଅନମାନେ ଯେ ଅସୁବିଧା ଭୋଗୁଛନ୍ତି ଏ ନୂଆ ଶାସନ ଆଇନ ଫଳରେ ସେ ଅସୁବିଧା ବହୁଗୁଣରେ ବଢ଼ିଯିବ । ସିଭିଲିଅନମାନେ କହିଲେ କହିଲେ ଯେ ଦାସ ଉପସ୍ଥାପିତ କରିବେ ତାକୁ କବରର ଭିତରୁ ଚାଲିଯାଏ କରି ଅଟକାଇ ଫିଙ୍ଗିଦେବା ଉଚିତ ନୁହେ ।"

କର୍ଣ୍ଣେଲ ଅ ଇନ କହିଲେ "ଯେଉଁ ସିଭିଲିଅନମାନଙ୍କ ଭାରତରେ ରହିଲେ ପ୍ରାଣର ଆଶଙ୍କା ଅଛି ବୋଲି ସେମାନଙ୍କୁ ସ୍ୱେଚ୍ଛାରେ ଇସ୍ତଫା ଦେବାକୁ ବୁଝାଇଦେବ ଅନ୍ତତଃ ସେମାନଙ୍କ ପାଇଁ ପ୍ରଲାଏ ବେଶି କରି କ୍ଷତିପୂରଣରେ ବ୍ୟବସ୍ଥା କରିବା ଦରକାର ।"

ସବକାସ ଭ୍ରଭ ଷ୍ଟକେ ବଟଲର ସାହେବ କହିଲେ "ଭାରତ ସରକାର ଯେଉଁ ବୃତ୍ତିଧାରୀମାନଙ୍କୁ ନିଯୁକ୍ତ କରିବେ ସେମାନଙ୍କ ପାଇଁ ପେନ୍‌ସନ ଓ କ୍ଷତିପୂରଣ ଲାଗି ବର୍ତ୍ତମାନ ଯେଉଁ ବ୍ୟବସ୍ଥା ରହିଛି ତାହା ଅନ୍ତତଃ ଆଉ ପାଞ୍ଚବର୍ଷ ଯାଏ କାଏମ ରହିବ । ସେ ଚେତାଇ ଦେଲେ ଯେ ଏ ଆଇନର ୨୩୭ ଦଫା ଅନୁସାରେ ପେନସନ ବିଷୟରେ ନିୟମ ପ୍ରଣୟନ କରିବାର କ୍ଷମତା ଭାରତ ସଚିବଙ୍କୁ ଦିଆଯାଇଛି । ଯେଉଁମାନେ ସ୍ୱେଚ୍ଛା ଚାଲି ନ ଯାଇଣ ଇସ୍ତଫା ଦେଇ ଚାଲି ଆସିବେ ସେମାନଙ୍କ ପାଇଁ ପେନସନ ଦେବାର ବ୍ୟବସ୍ଥା ଏହି କ୍ଷମତା ଅନୁସାରେ ଭାରତ ସଚିବ କରି ପାରିବେ । ବର୍ତ୍ତମାନ ଏ ବିଷୟରେ ଯେ ନିୟମ ଅଛି ତାକୁ ସରକାର ଭଲକରି ପରୀକ୍ଷା କରି ଦେଖିଛନ୍ତି ଏବଂ ସରକାରଙ୍କ ମତରେ ବର୍ତ୍ତମାନ ଯେ ନିୟମ ଅଛି ତାହା ବେଶ ସନ୍ତୋଷଜନକ । ଭବିଷ୍ୟ ପାଇଁ ଉପଯୁକ୍ତ ନିୟମ ପ୍ରଣୟନ ପାଇଁ ଏବଂ ସେ ଶ୍ରେଣୀର ଲୋକଙ୍କୁ ଅନୁକୂଳ ନୂଆ ବ୍ୟବସ୍ଥା କରିବାର ଗୁରୁ ସାବଧାନତାର ସହିତ କରିବେ । ଏ ଆଇନରେ ଯେଉଁ ସବୁ ବ୍ୟବସ୍ଥା ହୋଇଛି ସିଭିଲିଅନମାନଙ୍କ ପାଇଁ ଯେ ହୋଇଛି ତାଠାରୁ ଆଉ ଅଧିକା ସୁବିଧା ସେମାନଙ୍କୁ ଦେବା ସରକାର ସମ୍ଭବ ମନେକରୁ ନାହାନ୍ତି ।

ବିଶେଷ କ୍ଷେତ୍ରରେ ପେନସନ ମଞ୍ଜୁର କରିବାର କ୍ଷମତା ଭାରତ ମନ୍ତ୍ରୀଙ୍କ ହାତ ଯାଉଛି । ଏହାପର ସାଧାରଣ ଭାବରେ କ୍ଷମତା ନ ରଖି ଭାରତ ମନ୍ତ୍ରୀଙ୍କ ହାତ ଗୋଟିଏ ଅଧିକ କାନୁନଦ୍ୱାରା ବାନ୍ଧି ଦେବା ସରକାର ଅବକ୍ଷଣୀୟ ବାର୍ଷ ବୋଲି ବିବେଚନା କରୁଛନ୍ତି । ସିଭିଲିଅନମାନଙ୍କୁ ଯେତେ ପ୍ରକାର ସୁବିଧା ଦିଆଯାଇ ପାରେ ତାହା ବ୍ୟବସ୍ଥା କରିବାକୁ ସରକାର ଇଚ୍ଛା କରନ୍ତି । ଏହାଠାରୁ ଅଧିକା ସୁବିଧା ସୁହବା ଚେଷ୍ଟା ସିଭିଲିଅନଙ୍କ ଭବିଷ୍ୟତ ପକ୍ଷେ ମଧ୍ୟ ଭଲ ହେବ ନାହିଁ ।

ମୁଲଅ ଦଳର ମେମ୍ବର ମିଷ୍ଟର ବାଇ ଡେରସ ଏ ପ୍ରସ୍ତାବର ବିରୋଧ କରି କହିଲେ "ସିଭିଲିଅନମାନଙ୍କୁ ଏ ସେ ଭଳି କ୍ଷତିପୂରଣ ଦେବାର ବ୍ୟବସ୍ଥା କରି ଦିଆଯାଉଛି ଏହା ଦେଖି ମୋ ହାସ ଲାଗୁଛି । ଜଣେଲୋକ ୧୩ବର୍ଷ ମାତ୍ର ଚାକିରି କରିବାପରେ ଯେତେ ବର୍ଷ ଭଳି ପାଉଣ୍ଡ ବା ପ୍ରାୟ ୫ହଜାର ଟଙ୍କା ପେନସନ ପାଇବ ତେବେ ତାହାଠାରୁ ବଳି ଆଉ କଣ ସୁବିଧା ହୋଇପାରେ ?"

ମିଷ୍ଟର ରନ୍ଲେ ଲ କହିଲେ "ସିଭିଲିଅନମାନଙ୍କୁ ଦୁଇ ଏପରି ଅସ୍ୱସ୍ତି ଭିତରେ କାମ କରିବାକୁ ପଡ଼ିବ ଯେଉଁଥିରେ ସେମାନେ ଜୀବନର ପ୍ରାରମ୍ଭରେ ବା ଅଧାଅଧି ସମୟରେ ଚାକିରିରୁ ଇସ୍ତଫା ଦେଇ ଦେବାକୁ ବାଧ୍ୟ ହେବେ । ସେଥିପାଇଁ ଗୋଟିଏ ଭାବରେ ଅନ୍ୟ କୌଣସି କ୍ଷେତ୍ରରେ ଯୋଗାଡ଼ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପାରେ । ମୋର ମନେ ହୁଏ ଏପରି କ୍ଷେତ୍ରରେ ଅଧିକା କ୍ଷତିପୂରଣର ବ୍ୟବସ୍ଥା ନ କରିବା ଦ୍ୱାରା ସରକାର ସିଭିଲିଅନମାନଙ୍କ ପ୍ରତି ଘୋର ଅନ୍ୟାୟ କରୁଛନ୍ତି । ଏ ଆଇନ ଫଳରେ ସିଭିଲଅନମାନେ ଏକାବେଳକେ ଧ୍ୱଂସ ହୋଇଯିବେ ।"

ମିଷ୍ଟର ମରଗାନ ଜୋନ୍‌ସ କହିଲେ "ଯେଉଁମାନଙ୍କୁ ଚାକିରିରୁ ଇସ୍ତଫା ଦେବାକୁ ବାଧ୍ୟ କରିହେବ ସେମାନଙ୍କୁ ଅବଶ୍ୟ କ୍ଷତିପୂରଣ ଦିଆଯାଇ ପାରେ । ମାତ୍ର ଯେଉଁମାନେ ନିଜ ଇଚ୍ଛାରେ ଇସ୍ତଫା ଦେଇ ଚାଲିଆସିବେ ସେମାନଙ୍କୁ କୌଣସି କ୍ଷତିପୂରଣ ଦେବା ଉଚିତ ନୁହେଁ ।"

ସାର ଅଲଫ୍ରେଡ଼ ନକ୍ସ କହିଲେ "ନିଜ ଇଚ୍ଛାରେ ଚାକିରି ଛାଡ଼ି ଆସିବାକୁ କେହି କେବେ ଚାହିଁବ ନାହିଁ । ଯେଉଁମାନେ ହିନ୍ଦୁସ୍ଥାନୀମାନଙ୍କ ଅଧୀନରେ ରହିଥିବେ ସେମାନେ ଯଦି ଦେଖନ୍ତି ଯେ ଭାରତୀୟ ମନ୍ତ୍ରୀମାନେ ତାଙ୍କ ସମର୍ଥନ ନ କରୁଛନ୍ତି ତେବେ ସେମାନେ ଇସ୍ତଫା ଦେବାକୁ ବାଧ୍ୟ ହେବେ । ଏହାକୁ କଣ ସ୍ୱେଚ୍ଛାକୃତ ଇସ୍ତଫା ବୁଝାଯିବ ?"

ମରଗାନ ଜୋନ୍‌ସ କହିଲେ "ସେପରି ସ୍ଥଳେ ଅବସ୍ଥା ଦେଖି ପେନସନ ବ୍ୟବସ୍ଥା କରିବାର କ୍ଷମତା ଭାରତ ସଚିବଙ୍କର ରହିଛି ।"

ଶେଷରେ ଆଟର୍ଣ୍ଣି ଜେନେରଲ ସାର ଟୋମାସ ଇନସ୍କିପ କହିଲେ "ମିଷ୍ଟର ରନ୍ଲେଲ ଯାହା କହିଲେ ସେକଥା ଅବଶ୍ୟ କେତେକ ପରିମାଣରେ ମୋ ମନକୁ ପାଉଛି । ମାତ୍ର ବର୍ତ୍ତମାନ ଯେ ବ୍ୟବସ୍ଥା କରାଯାଇଛି ସେ ମୁତାବକ ୧୫ବର୍ଷ ମୋଟରେ ଚାକିରି କରି ଜଣେ ସିଭିଲିଅନ ୫୭୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ସାଢ଼େ ସାତହଜାର ସରକାର ଟଙ୍କା ପେନସନ ପାଇ ପାରିବ । ଅବଶ୍ୟ ଏହା ଯେ ଖୁବ ବେଶି ହୋଇଗଲା ଏକଥା ମୁଁ କହୁନାହିଁ, ମାତ୍ର ଏହାଠାରୁ ବେଶି ଦେବା ସମ୍ଭବ ନହେ ।"

ଶେଷରେ ଭୋଟ ନିଆ ଯିବାରେ ସପକ୍ଷରେ ୨୪ ଜଣ ଏବଂ ବିପକ୍ଷରେ ୧୭୪ ଜଣ ହେବାରୁ ସଂଶୋଧନ ପ୍ରସ୍ତାବଟି ରଦ୍ଦ ହୋଇଗଲା ।

ଭାରତ ରାଜଧାନୀ ଦିଲ୍ଲୀରେ ମୃତ୍ୟୁଲୀଳା

ଚାରିହଜାର ଦିନରୁ ୩୭।୩୫ ମରୁଛନ୍ତି

ବସନ୍ତ ହାଡ଼ଫୁଟୀ ଗବ ପ୍ରବଳ ହୋଇ ଉଠିଛି

ଦିଲ୍ଲୀ, ତା ୪।୫।୩୫

ଦିଲ୍ଲୀରେ ପ୍ରବଳ କେମ୍ପସ୍ୱୁ ବ୍ୟାପିଛି । ମେନେଞ୍ଜାଇଟିସ ରୋଗ ତ ଲାଗି ରହିଛି, ତାସାଙ୍ଗକୁ ପୁଣି ବସନ୍ତ ଏବଂ ହାଡ଼ଫୁଟି ହୋଇ ପ୍ରବଳ ଲୋକ ମରୁଛନ୍ତି ଏବଂ ନୂଆ ନୂଆ ରୋଗୀ ପଡ଼ୁଛନ୍ତି ।

ଗତ ଅପ୍ରେଲ ୨୭ ତାରିଖ ସୁଦ୍ଧା ୭ ଦିନ ଭିତରେ ବସନ୍ତରେ ୫୫ ଜଣ ଆକ୍ରାନ୍ତ ହୋଇ ୩୨ ଜଣ ମରିଛନ୍ତି ଏବଂ ହାଡ଼ଫୁଟିରେ ୨୪ ଜଣ ଆକ୍ରାନ୍ତ ହୋଇ ୧୪ଜଣ ମରିଛନ୍ତି । ମେନେଞ୍ଜାଇଟିସରେ ମଧ୍ୟ ୧୮ ଜଣ ଆକ୍ରାନ୍ତ ହୋଇ ୫ ଜଣ ମରିଛନ୍ତି । ଜଣେ କେବଳ ପ୍ଲେଗ ମଧ୍ୟ ହୋଇଛି । ଏ ୭ ଦିନ ଭିତରେ ମୋଟ ୨୫୨ ଜଣ ମରିଛନ୍ତି, ଗଲା ସପ୍ତାହରେ କେବଳ ୨୫୨ ଜଣ ମରିଥିଲେ ।

ସେମାନଙ୍କ ସମସ୍ତ ଲେଖାଏ ସତ୍ୱର ରକ୍ଷାବନ୍ଦୋବସ୍ତ ଦଖଲ ହୋଇଛି ।

ବାଣ ଦୋକାନରେ ନିଆଁ

ପଚିଶ ହଜାର ଟଙ୍କା ଲୋକସାନ

କଟକ, ତା ୩।୫।୩୫

କଟକ ସହରର ଭୁଲେଶ୍ୱର ନାମକ ଏକ ହିନ୍ଦୁ ମହଲରେ ଗୋଟିଏ ବାଣ ଦୋକାନରେ ହଠାତ୍ ନିଆଁ ଲାଗି ଯାଇ ପ୍ରାୟ ୨୫ ହଜାର ଟଙ୍କାର ଜିନିଷ ନଷ୍ଟ ହୋଇ ଯାଇଅଛି ।

ମେଷପାଇଁ ପୁଲିସବାଲା ଗିରଫଦାର

ବରେଲି, ତା ୩।୫।୩୫

ଜଣେ ହିନ୍ଦୁ ଶେଠଙ୍କ ଗୋଦାମରେ ମେଷ କରୁଥିବା ବେଳେ ଜଣେ ପୁଲିସବାଲା ଗିରଫଦାର ହୋଇଛନ୍ତି । ଖୁବ ଅଧରେ ଏ ଲୋକଟି ଚାଙ୍ଗୁରେ ଅଙ୍କ ପିଟାଇ ଥିବାର ଗୋଟିଏ ଗୁର୍ଖା ଚୌକିଦାର ଦେଖିଲା ଏବଂ ସାଙ୍ଗେ ସାଙ୍ଗେ ତାକୁ ଗିରଫ କଲା । ସେ ଛଟ ବଜାଇବାରୁ ଅନ୍ୟ ଲୋକ ଆସି ଚୋରକୁ ହାତ ଗୋଡ଼ ବାନ୍ଧି ପକାଇ ଦେଲେ । ହୋଇ ଦେଖନ୍ତି ଦେଖାଗଲା ଯେ ଲୋକଟି ଜଣେ ପୁଲିସବାଲା ଏବଂ ତା ପାଖରେ ଗୋଟିଏ ବନ୍ଧୁକ ମଧ୍ୟ ରହିଛି ।

ସାଢ଼େ ଛଅ ଟଙ୍କାରୁ ଅଧିକ ସୁଧ ଦେବେ ନାହିଁ

କୃଷକମାନଙ୍କପାଇଁ ଯୁକ୍ତପ୍ରଦେଶରେ ବ୍ୟବସ୍ଥା

ଲକ୍ଷ୍ନୌ, ତା ୩।୫।୩୫

କୃଷକଙ୍କ ସୁବିଧା ପାଇଁ ଯୁକ୍ତପ୍ରଦେଶ କାଉନସିଲରେ ଯେ ଆଇନ ପାସ ହୋଇଛି ସେ ଅନୁସାରେ କୃଷକମାନଙ୍କଠାରୁ କୌଣସି ମହାଜନ ଋଣ ଉପରେ ଛ ଟଙ୍କାରୁ ଅଧିକା ସୁଧ ଦାବି କରି ପାରିବେ ନାହିଁ । ଏ ଆଇନ ଯେ ମାସ ୮ ତାରିଖଠାରୁ କାର୍ଯ୍ୟକାରୀ ହେବ ବୋଲି ସରକାରୀ ଗେଜେଟରେ ନୋଟିସ ବାହାର ଗଲାଣି ।

ବଙ୍ଗଳାରେ ଡକାଏତଙ୍କ ପ୍ରକୋପ

ଏକସପ୍ତାହରେ ୫୧ଟା ଡକାଏତି

କଲିକତା ତା, ୩।୫।୩୫

ଏପ୍ରେଲ ୧୩ ତାରିଖଠାରୁ ୨୦ ତାରିଖ ଭିତରେ ବଙ୍ଗଳାର ବିଭିନ୍ନ ଜିଲ୍ଲାରେ ୫୧ଟା ଡକାଏତି ହୋଇଥିବାର ପୁଲିସରେ ଲେଖା ହୋଇଅଛି । କେବଳ ମେଦିନୀପୁର ଜିଲ୍ଲାରେ ୭ଟା ଦିନାଜପୁରରେ ୭ଟା ଏବଂ ଢାକା ଜିଲ୍ଲାରେ ୫ଟା ଡକାଏତି ହୋଇଛି ।

ହାକିମଙ୍କର ଜବାବ ନ ଦେଇ ୯ମାସ ଜେଲ

ମେଦିନୀପୁର ତା ୫।୩୫

ହିଜଲି କ୍ୟାମ୍ପଜେଲରେ ନଜରବନ୍ଦୀରେ ଥିବା ଭୂଇଜଣ ବଙ୍ଗାଳୀ ଯୁବକ ହାକିମ ଡ଼ାକି ଦେବା ବେଳେ ଜବାବ ନ ଦେବାରୁ ଏବଂ ଜେଲ ହାକିମଙ୍କ କଥା ନ ମାନିବାରୁ

ଫିରୋଜାବାଦ ହିନ୍ଦୁଙ୍କ ଦାବୀ

ନିରପେକ୍ଷ ତଦନ୍ତ ହେଉ

ଆଗ୍ରା ତା, ୩।୫।୩୫

ଫିରୋଜାବାଦ ମ୍ୟୁନିସିପାଲିଟିର ଚେୟାରମ୍ୟାନ ରାୟ ବାହାଦୁର ଲକ୍ଷ୍ମୀଚନ୍ଦ ସୁଦର୍ଶନ ଲାଲଙ୍କ ସଭାପତିତ୍ୱରେ ହିନ୍ଦୁମାନଙ୍କର ଏକ ସାଧାରଣ ସଭା ହୋଇ ଡାକ୍ତର ଗଙ୍ଗାପ୍ରସାଦ ଶର୍ମାଙ୍କ ଘରେ ଯେ ନୃଶଂସ ହତ୍ୟାକାଣ୍ଡ ହୋଇଯାଇଛି ସେଥିର ନିରପେକ୍ଷ ତଦନ୍ତ କରିବା ପାଇଁ ସରକାରଙ୍କଠାରେ ଦାବୀ କରି ହୋଇଛି ।

ଡାକ୍ ମଟର ଅସୁବିଧା

କଟକ, ତା ୨।୫।୩୫

ଡାକ ବାହି ଯିବାପାଇଁ ୨୫ଜଣ ସବାରୀ ବସି ପାରିବା ପରି କେତେ ଗୁଡ଼ିଏ ଖୁବ ବଡ଼ ବସ ବେଲଗାଏ, ଫୁଲବାଣୀ ଠାରେ ଚଳିଥିଲା ଯେ ଗଣ୍ଡ ଅର୍ଥାତ୍ ଗାଡ଼ିଏ ସବାରୀ ନେଇଗଲେ, ଏମାନଙ୍କୁ ବାହୁଡ଼ିଲା ବେଳେ ସେ ମୁଁ ଏମାନଙ୍କୁ ଛାଡ଼ିଦେଇ ସାଙ୍ଗେ ସାଙ୍ଗେ ଫେରି ଆସିଲା । କିନ୍ତୁ ଆଉ ଫେରିଲା ନାହିଁ । ଯାତ୍ରୀମାନେ ଏ ଗରମ ଦିନରେ କି କଷ୍ଟରେ ହୋଇ ଯାଇ କନିକାଯାଏ ସେଠାରେ ଅଟକି ରହି ଫେରିଲେ ତାହା ବର୍ଣ୍ଣନା ଗତ । କାନ୍ଦିର ଜଣେ ହାକିମ ମଧ୍ୟ ଏ ଦୁଃଖ ଦେଖି ଯାଇଛନ୍ତି ଏବଂ ସେଠାରେ କମା ହୋଇଥିବା ଲୋକଙ୍କୁ ଦରଖାସ୍ତ ଦେଲେ ବି ସୁବିଧା ହୋଇ ନାହିଁ । ଅନେକ ଥର ଏକଲା ଅସୁବିଧା ହେଉଛି । କେତେକ ମହଲବାସୀଙ୍କ ନାମରେ ଅଭିଯୋଗ କେତେଥର ମଧ୍ୟ କରିଛନ୍ତି, କିନ୍ତୁ କିଛି ଫଳ ହେଉନାହିଁ । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କର ଏ ଅସୁବିଧା ଦୂର କରିବାପାଇଁ କିଛି ବ୍ୟବସ୍ଥା କରନ୍ତୁ ବୋଲି ଅନୁରୋଧ ।

ଜୁବୁଲି ସହର ଫିଟିଲା

ଜଗତି, ୪।୫।୩୫

ଅଜ ସ୍ଥାନରେ ଶାଧାରଣ ସଭା ହୋଇ ଏଠାରେ ଉଦ୍ଭବ ହୋଇଥିବା ଏକ ନୂଆ ସହର ଫିଟିଲା । ସଭାର ଚେୟାରମ୍ୟାନ ଏ ସହର ଉଦ୍ଘାଟନ କଲେ ଏବଂ ସହରର ନାମ ଜୁବୁଲି ଟାଉନ ରଖାଗଲା । ଏ ସହରରେ ନାନା ପ୍ରକାର କଳା ପ୍ରଦର୍ଶିତ ହୋଇଛି ।

କୋଚିନ ବନ୍ଦର

କୋଚିନ, ୪।୫।୩୫

କୋଚିନ ବନ୍ଦର ପରିକଳ୍ପନା ପାଇଁ ଗୋଟିଏ ପରିକଳ୍ପନା ବୋର୍ଡ଼ ବସାଯିବାର ବ୍ୟବସ୍ଥା ହେଉଛି । କୋଚିନର ସରକାର ଏ ବିଷୟରେ ଉଦ୍ୟମ କରୁଅଛନ୍ତି ।

ଜୁବୁଲି ଉତ୍ସବରେ ଯୋଗ ଦିଅ ନାହିଁ

ବର୍ଣ୍ଣିକ ସମ୍ମିଳନୀରେ କଂଗ୍ରେସ ନୋଟିସ

ଲକ୍ଷ୍ନୌ, ତା ୪।୫।୩୫

ଗଲା ଜାନୁଆରୀ ମାସରେ ଦିଲ୍ଲୀଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଜୁବୁଲି ଉତ୍ସବ ପ୍ରତି କଂଗ୍ରେସର ମନୋଭାବ ବିଷୟରେ ଯେ ପ୍ରସ୍ତାବ ଗୃହୀତ ହୋଇଥିଲା ତାହା ଛପା ହୋଇ ହଜାର ହଜାର ସଂଖ୍ୟାରେ ସହର ତମାମ ଏବଂ ଜିଲ୍ଲାରେ ଏଠାରେ ବର୍ତ୍ତମାନ ବସିଥିବା ବଣିକ ସମ୍ମିଳନୀର ପ୍ରତିନିଧିମାନଙ୍କ ଭିତରେ ବଣ୍ଟା ହେଉଛି ।

ଏ ସମ୍ପର୍କରେ ବଡ଼ ବଡ଼ ଲମ୍ବା ନୋଟିସମାନ ମଧ୍ୟ ସହର ତମାମ କାନ୍ଥ କାନ୍ଥରେ ମରା ହୋଇଛି ।

ଜୁବୁଲି ଉତ୍ସବରେ କାଶ୍ମୀରଙ୍କ ଭୂମିଦାନ

୨ ଦିଲ୍ଲୀରରେ ଭାରତ ଦସ୍ତଖତ ହେବ

କାଶ୍ମୀରଙ୍କ ମୂଲ୍ୟ ସ୍ୱରୂପ ମହାରାଜାଧିରାଜ ଉପାଧି ମିଳିବ

ରୋମ, ୪।୫।୩୫

ୟୁନାଇଟେଡ ପ୍ରେସ ଲଣ୍ଡନଠାରୁ ସମ୍ବାଦ ପାଇଛନ୍ତି ଯେ କାଶ୍ମୀରର ମହାରାଜା ତାଙ୍କ ରାଜ୍ୟର ଗିଲଗିଟ ସୀମାନ୍ତ ଅଞ୍ଚଳ ବ୍ରିଟିଶ ସାମ୍ରାଜ୍ୟକୁ ଦେଇ ଦେଇ ପ୍ରତିଦାନ ସ୍ୱରୂପ ଦୁଇ ଉପାଧି ଦେବ ସମ୍ରାଟ ତାଙ୍କୁ "His Exacted Highness" ବା 'ମହାମାନ୍ୟବର ସ୍ୱରା ବାହାଦୁର' ଉପାଧିରେ ଭୂଷିତ କରିବେ । ଏ ଭୂମି ସ୍ୱରୂପରେ କେବଳ ହାଇକ୍ୟାବାଦର ନିଜାମଙ୍କ ଛଡ଼ା ଆଉ କାହାରି ନଥିଲା ।

ଗିଲଗିଟକୁ ବ୍ରିଟିଶ ସରକାର ହାତକୁ ନେବାପାଇଁ ଯେ ଦଲିଲ ଲେଖାପଢ଼ା ହୋଇଛି ତାହା ମଇ ୨ ତାରିଖ ରାଜାଙ୍କ ଜୁବୁଲି ଉତ୍ସବ ଦିନ ଦସ୍ତଖତ ହେବ ।

ଜୁବୁଲି ପାଇଁ ନୂଆ ଉପାଧି ମିଳିବ ନାହିଁ

ରୋମ, ତା ୪।୫।୩୫

ସିମଲାର ଏସୋସିଏଟେଡ ପ୍ରେସ ସମ୍ବାଦଦାତାଙ୍କଠାରୁ ଖବର ମିଳିଛି ଯେ ଜୁବୁଲି ଉତ୍ସବ ଉପଲକ୍ଷରେ ଆଉ କୌଣସି ଅଲଗା ଉପାଧି ଦିଆହେବ ନାହିଁ । ସମ୍ରାଟଙ୍କ ଜନ୍ମଦିନ ଉପଲକ୍ଷରେ ଯେ ମାମୁଲି ଉପାଧି ଖେତାବ ଦିଆଯାଏ ତାହା ଏଥର ଜୁନମାସ ଆରମ୍ଭରୁ ପ୍ରକାଶ କରି ଦିଆହେବ ।

ଵିଲିଂଡନଙ୍କ ବାର୍ତ୍ତା

ସିମଲା, ୪।୫।୩୫

ବଡ଼ଲାଟ ଲର୍ଡ ଉଇଲିଂଡନ ଜୁବୁଲି ଉତ୍ସବ ଉପଲକ୍ଷରେ ବେତାରଯନ୍ତ୍ର ସାହାଯ୍ୟରେ ନିମ୍ନଲିଖିତ ସନ୍ଦେଶ ପ୍ରଚାର କରୁଛନ୍ତି —

"ମୁଁ ବିଶେଷ ଗର୍ବ ଓ ଆନନ୍ଦର ସହିତ ଏ ଦେଶରେ ସମ୍ରାଟଙ୍କର ପ୍ରତିନିଧିରୂପେ ଅତି ସମସ୍ତ ଭାରତର ଅଧିବାସୀମାନଙ୍କଠାରୁ ଏ ଅଭିନନ୍ଦନ ସନ୍ଦେଶ ପଠାଉଛି । ସମ୍ରାଟ ଯେ ଆମ୍ଭମାନଙ୍କ ଉପରେ ଗତ ୨୫ ବର୍ଷ ହେଲା ରାଜୁତି କରିବାର ସୁବିଧା ପାଇଛନ୍ତି ସେଥିପାଇଁ ଆନନ୍ଦ ଉତ୍ସବ କରିବାରେ ମୁଁ ସମସ୍ତଙ୍କ ସହିତ ଯୋଗ ଦେଉଛି, ଏବଂ ବ୍ରିଟିଶ ସାମ୍ରାଜ୍ୟର ଭଗ୍ୟବିଧାତାରୂପେ ସେ ଯେପରି ଆହୁରି ଅଧିକ କାଳ ରାଜୁତି କରନ୍ତି ସେଥିପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରୁଅଛି ।

ଏହି ଗତ ୨୫ ବର୍ଷ ଭିତରେ ସମସ୍ତ ସାମ୍ରାଜ୍ୟର ସବୁ ଶ୍ରେଣୀ ଓ ସଂପ୍ରଦାୟର ଲୋକଙ୍କ ସୁଖ ସୌଭାଗ୍ୟ ବୃଦ୍ଧି କାମନାରେ ସବୁବେଳେ ସହୃଦୟ ନେଇ ସମ୍ରାଟ ସାଧାରଣ ସେବାର ଆଦର୍ଶ ଦେଖାଇଛନ୍ତି । ସେଥିପାଇଁ ସମସ୍ତେ ତାଙ୍କଠାରେ କୃତଜ୍ଞତା ଓ ଆନନ୍ଦ ପ୍ରକାଶ କରୁଛନ୍ତି ।

ଏହି ୨୫ ବର୍ଷ ଭିତରୁ ୧୬ ବର୍ଷକାଳ ମୁଁ ଭାରତ ଏବଂ ଇଂଲଣ୍ଡର ଲୋକଙ୍କ ସ୍ୱାର୍ଥରେ ଘନିଷ୍ଠ ଭାବରେ ସଂପୃକ୍ତ ରହିଅଛି । ଏ ଦୀର୍ଘକାଳ ଯାକ ମୁଁ ସୁଗଭୀର ଆନନ୍ଦ ଏବଂ ଉଦ୍‌ବେଗ ଅନୁଭବ କରୁଛି । ପୃଥିବୀର ମହା ସମରରେ ୪ ବର୍ଷକାଳ ଭାରତର ରାଜା ଓ ଉପନିବେଶ ବ୍ରିଟିଶ ସାମ୍ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ଶାନ୍ତି ଶୃଙ୍ଖଳାପାଇଁ ଏବଂ ବ୍ରିଟିଶ ସ୍ୱାଧୀନତାର ମର୍ଯ୍ୟାଦା ରକ୍ଷାପାଇଁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଥିଲେ । ଏ କେତେ ବର୍ଷ ଭିତରେ ଶାସନ ଯନ୍ତ୍ରର ପ୍ରତ୍ୟେକ ବିଭାଗରେ ଯେ ପ୍ରକୃତ ପରିବର୍ତ୍ତନ ଓ ବିକାଶ ହୋଇଛି ଏବଂ ତା ଫଳରେ ସବୁ ଶ୍ରେଣୀର ଲୋକଙ୍କ ସୁଖ ଓ ଉନ୍ନତି ସାଧନ ହୋଇଛି ତାହା ମଧ୍ୟ ମୁଁ ନିଜ ଆଖିରେ ଦେଖିଛି । ସ୍ୱାୟତ୍ତଶାସନ ଦିଗରେ ଯେ ସବୁ ଉନ୍ନତି ଓ ବିକାଶ ହୋଇଛି ସେଥିରେ ମୁଁ ମଧ୍ୟ ଯଥାଶକ୍ତି ସାହାଯ୍ୟ କରିଛି । ଭାରତ ଯେ ବ୍ରିଟିଶ ସମ୍ରାଟଙ୍କ ରାଜ୍ୟର ଅନ୍ୟାନ୍ୟ ଉପନିବେଶମାନଙ୍କ ସହିତ ସମାନ ଭାବରେ ଅଂଶୀଦାର ହେବାପାଇଁ କ୍ରମଶଃ ଅଗ୍ରସର ହେଉଛି ତା ମଧ୍ୟ ମୁଁ ଲକ୍ଷ୍ୟ କରି ଆସୁଛି ।

ଏହିପରି କଥା ସ୍ମରଣ ରଖି ଆଜ ଏ ସମୟରେ ଆମ୍ଭେମାନେ ସମସ୍ତ ଦେଶବାସୀ ଭୂଇ ଏକ ମନ ଏକ ପ୍ରାଣରେ ଭକ୍ତିଭାବରେ ସମ୍ରାଟଙ୍କୁ ଅଭିବାଦନ ଦେବା ଏବଂ ଗମ୍ଭୀର ଶ୍ରଦ୍ଧାଭକ୍ତିର ସହିତ ତାଙ୍କୁ ସର୍ବମଙ୍ଗଳ ଦେବାପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରୁ ।"

ଦିଲ୍ଲୀରେ ଜୁବୁଲି ମହୋତ୍ସବ

(ପ୍ରତିନିଧିଠାରୁ)

ଦିଲ୍ଲୀ, ତା ୭।୫।୩୫

ସମ୍ରାଟ ପଞ୍ଚମ ଜର୍ଜଙ୍କ ରାଜତ୍ୱର ୨୫ ବର୍ଷ ପୂର୍ତ୍ତିଯାଗ ସମଗ୍ର ସାମ୍ରାଜ୍ୟ ଉତ୍ସବ ଜୁବୁଲି ଉତ୍ସବ ହେଉଛି । ଭାରତରେ ମଧ୍ୟ ହେଉଛି, ଦିଲ୍ଲୀରେ ବି ହେଉଛି । ଜୁବୁଲି ଉତ୍ସବ ଯେ ଏ ସହରରେ କେଉଁ ଶୋଭାର ତେତେକ କଳ୍ପନା ତ ଆଗରୁ ପ୍ରକାଶ ପାଇଛି । ଆଜ ଜୁବୁଲି ଉତ୍ସବ ଦିନ ଠିକ ଭାବରେ ହେଉଛି ସେଥିରୁ ବୁଝିବା ଉଚିତ ହୁଏ ।

ଅନେକ ଦିନରୁ ନୋଟିସ ସହରରେ ବଣ୍ଟା ହୋଇଥିଲା ସେଥି ସାଧାରଣ ଅମାକାର୍ଯ୍ୟ ସର ସମସ୍ତେ ଅଭ୍ୟସ୍ତ ଜାଣନ୍ତି । ଏହା ଜାଣିବା ପାଇଁ ଜୁଆଇଏ ସରକାର ଭଣ୍ଡାରଣ କରିଥିଲେ । ସହରେ ପୁଣି ଜୁବୁଲି ବଢ଼ିଆଶୀଳ ବଣ୍ଟା ହୋଇଛି । ସେଥିରେ ବଡ଼ ଜୁବୁଲି କମିଟିର ମେମ୍ବରମାନେ, ସେକ୍ରେଟାରୀ, ଟ୍ରେଜରର ପ୍ରଭୃତି ବନ୍ଧୁତା କରିଛନ୍ତି । ୬ ତାରିଖ ଓ ୭ ତାରିଖ ଦୁଇ ଦିନ ଉତ୍ସବ ହେବ ବୋଲି ତାର ଏକ ଲମ୍ବା କାର୍ଯ୍ୟତାଲିକା ବାହାରିଛି ।

ଆଜ ତ ଉତ୍ସବ । ସ୍କୁଲ, କଲେଜ, କଚେରୀବାଜାର, ଡାକଘର ଆଦି ସବୁ ବନ୍ଦ । ସହରଟା ଆଜ ନୂଆ ପରି ଦିଶୁଛି । କେବଳ ସରକାରୀ ଗୋଟାଏ ତାମଗାଠାରେ ଠିଆ ହୋଇଛି । ସାମାନ୍ୟ ସାଜସଜ୍ଜା ହୋଇଛି । ସବୁ ସରକାରୀ ଅଫିସ ଏବଂ ସ୍କୁଲ କଲେଜମାନଙ୍କ ଉପରେ ଯୁନିୟନଜ୍ୟାକ ଉଡ଼ୁଛି ।

ସ୍କୁଲ ପିଲାଙ୍କୁ ଛୁଟି ଦିଆଯାଉଛି, କିନ୍ତୁ ତାଙ୍କର ନ ହେଲେ ବଜା ଦଣ୍ଡ ଦିଆଯିବ ବୋଲି ମଧ୍ୟ ହୁକୁମ ହୋଇଛି । ପିଲାଙ୍କ ଭୂଗୋଳ ଶୁଝୁଛି । ସେମାନେ ଅଫିସ ଥିବାର କରିବେ ବୋଲି ସେ ଛୁଟି ପାଉଥିଲେ ତାହା ଏହି ଦଣ୍ଡ ନିୟମରେ ସାରି ଯାଉଛି । ସେମାନେ ଡାକଘରରେ ପଢ଼ ଖଳାକୁ ଉଠି ଦୁଇଣ ଧାଡ଼ି ଥିବାର ଦେଖାଗଲା । ସେମାନେ ଫେରିବା ପରେ ସୁଖାରଙ୍ଗ ସେ ସ୍କୁଲମାନଙ୍କରେ ଅଧେ ହାଜର ଖଣ୍ଡେ କାଗଜରେ ଲଗାଇ, ପରେ ସବୁ ହେଲା । ମାଷ୍ଟରମାନେ ବକ୍ତୃତା ଦେଲେ । ଖଣ୍ଡେ ଖଣ୍ଡେ ଛବି ବଣ୍ଟାଗଲା ଏବଂ କୁହାଗଲା ପୁଣି ୫ଟାବେଳେ ଆସି ହାଜର ହେବେ ଓ ସ୍ଥାପନ କରାଯିବ ।

ଶୋଭାଯାତ୍ରା ଦିନ ୧୧ଟା ଯାଏ ଗୁରୁଦ୍ୱାରରେ ପିଲାଙ୍କର ସ୍କୁଲରେ ଖେଳ, ଗୌରୀଶଙ୍କର ମନ୍ଦିରର କୀର୍ତ୍ତନ ଓ ବକ୍ତୃତା, ସୂର୍ଯ୍ୟଗ୍ରହଣ, ପଦକ ବଣ୍ଟା, ବିଭିନ୍ନ ସ୍ଥାନରେ ପ୍ରାର୍ଥନା ହୋଇ ପାରିଲା ।

ଉପରବେଳା ଗଞ୍ଜଗଞ୍ଜ ସାହେବ ଦରବାର ହେବ । ୫ଟାବେଳେ ସ୍କୁଲ ଛାତ୍ରମାନଙ୍କର ପରେଡ଼ ହେବ । ୭ଟାବେଳେ ଗୁମବଜାର ମଠରୁ ସଂକୀର୍ତ୍ତନ ବାହାରିବ ।

ସନ୍ଧ୍ୟାବେଳେ କେତେ ଜାଗାରେ ବକ୍ତୃତା ଓ ମାଜିକ ଲଣ୍ଠନ ସାହାଯ୍ୟରେ ଛବିସବୁ ଦେଖାହେବ । ରାତିରେ ଭୋଜି ଓ ଆମୋଦ ପ୍ରମୋଦ ଏବଂ ଯାତ୍ରା ହେବ । ସନ୍ଧ୍ୟାବେଳୁ ରାତି ୧୧ଟା ଯାଏ ସହରରେ ସାଜସଜ୍ଜା ଆଲୋକମାଳା ଦୀପାବଳୀ ଓ ବାଣ ଫୁଟିବ ବୋଲି ନିର୍ଘଣ୍ଟରେ ବାହାରିଛି ।

ସକାଳ ବେଳା ତ ଦେଖିଲୁ, ରାତିରେ କଣ ହେବ ଏବଂ କାଲି ପୁଣି କଣ ହେବ ଦେଖିବାକୁ ବାକି ରହିଲା ।